# ଭାରତୀୟ ଆଦିବାସୀ ଅର୍ଥନୀତି ଏବଂ ଆର୍ଥିକ ସାକ୍ଷରତା

## (ଏକ ପରୀକ୍ଷାମୂଳକ ଅଧ୍ୟୟନ)

[1]ପ୍ରଫେସର ସସ୍ମିତା ସାମନ୍ତ, [2]ଡକ୍ଟର ଅଜୟ କୁମାର ନନ୍ଦ

[1]କୁଳପତି, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

[2]ସହକାରୀ ପ୍ରଧାପକ ଓ ସହକାରୀ ବିତ୍ତ ଅଧିକାରୀ, କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email : sasmitasr@gmail.com, ajayakumarnanda@gmail.com

**ସଂକ୍ଷିପ୍ତସାର:**

**ଉଦ୍ଦେଶ୍ୟ:-** ବର୍ତ୍ତମାନର ପ୍ରବନ୍ଧ ହେଉଛି ଆଦିବାସୀ ମାନଙ୍କର ଅବସ୍ଥାରେ ଉନ୍ନତି ଆଣିବା ଓ ଆର୍ଥିକ ସାକ୍ଷରତା ଗୁରୁତ୍ୱ ବୁଝିବାରେ ଏକ ପ୍ରୟାସ । ଯାହା ସେମାନଙ୍କ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଅଂଶ ଗ୍ରହଣ କରିବା ସହିତ ଆର୍ଥିକ ଆଚରଣରେ ପରିବର୍ତ୍ତନ ଆଣିବାରେ ମଧ୍ୟ ସାହାଯ୍ୟ କରିଥାଏ । ଏହି ଅନୁସନ୍ଧାନ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେଉଁମାନେ ସମାଜର ମୁଖ୍ୟ ସ୍ରୋତରେ ଅଂଶଗ୍ରହଣ କରିବାରେ ଅସମର୍ଥ ଅଟନ୍ତି, ସେମାନଙ୍କ ଆଚରଣରେ ଆର୍ଥିକ ସାକ୍ଷରତାର ପ୍ରଭାବ ଖୋଜିବା ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ସ୍ୱଚ୍ଛନ୍ଦରେ ଜୀବନ ବିତାଇବା । ଓଡିଶାର କୋରାପୁଟ ଏକ ଆଦିବାସୀ ବହୁଳ ଜିଲ୍ଲା । ଯେଉଁଠାରେ ଅଧିକାଂଶ ପୁରାତନ ପ୍ରକାରର ଜନଜାତି ସମ୍ପ୍ରଦାୟ ବାସକରନ୍ତି । ସେମାନଙ୍କ ଆର୍ଥିକ ଅବସ୍ଥା ଏବଂ ଆର୍ଥିକ ସାକ୍ଷରତାର ସ୍ତର ବିଶ୍ଳେଷଣ କରିବାକୁ ଏହି ଅଧ୍ୟୟନରେ ସ୍ଥାନୀତ କରାଯାଇଛି । ଅଧ୍ୟୟନଟି ଉଭୟ ପ୍ରାଥମିକ ଓ ଦ୍ୱିତୀୟ ତଥ୍ୟ ଉପରେ ଆଧାରିତ । ପ୍ରଶ୍ନପତ୍ର ପ୍ରଣାଳୀ ମାଧ୍ୟମରେ ୪୧୨ଟି ପରିବାରରୁ ସେମାନଙ୍କ ସାମଗ୍ରିକ ବିବରଣୀକୁ ପ୍ରାଥମିକ ତଥ୍ୟ ଆଧାରରେ ସଂଗ୍ରହ କରାଯାଇଥିଲା । ଅଧ୍ୟୟନରୁ ଜଣାପଡିଛି ଯେ ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କ ପର୍ଯ୍ୟାପ୍ତ ଆୟ ଉତ୍ସ ନଥିବା ହେତୁ ସେମାନେ ଜୀବିକାକୁ ଦକ୍ଷତାର ସହ ବଞ୍ଚାଇ ପାରୁନାହାଁନ୍ତି । ଅଧିକନ୍ତୁ ଅଧ୍ୟୟନରୁ ଜଣାପଡିଛି ଯେ, କେତେକ ପ୍ରମୁଖ ଅସୁବିଧା ଯଥା ଆର୍ଥିକ ସାକ୍ଷରତାର ଅଜ୍ଞତା, ଆର୍ଥିକ ସେବା ଗୁଡିକର କମ ସୁବିଧା, ଆର୍ଥିକ ଉତ୍ପାଦ ବିଷୟରେ ଜ୍ଞାନର ଅଭାବ, ପର୍ଯ୍ୟାପ୍ତ ପୁଞ୍ଜି ଅଭାବ, ପର ଉପରେ ଅଧିକ ନିର୍ଭରଶୀଳତା ହେତୁ ସେମାନେ ସମ୍ପୂର୍ଣ୍ଣ ଆର୍ଥିକ ସୁବିଧା ପାଆନ୍ତି ନାହିଁ । ଯାହା ତାଙ୍କ ଜୀବନଶୈଳୀକୁ ସ୍ୱଚ୍ଛ କରିବାରେ ସହାୟକ ହେଉନାହିଁ । ନିଜର ଆର୍ଥିକ ଆବଶ୍ୟକତା ପୂରଣ କରିବା ନିମନ୍ତେ ସେମାନେ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥା ଅପେକ୍ଷା ଗ୍ରାମୀଣ ଋଣଦାତା ମାନଙ୍କୁ ଅଧିକ ସୁଧ ଦେଇ ପୁନଶ୍ଚ ଦାରିଦ୍ର୍ୟ ଅବସ୍ଥାକୁ ଠେଲି ହୋଇଯାଉଛନ୍ତି । ଏହା ସେମାନଙ୍କର ଅର୍ଥନୈତିକ ଅଜ୍ଞତାର ମୁଖ୍ୟକାରଣ ହୋଇପାରେ ।

**ପ୍ରକାର /ପଦ୍ଧତି /ଆଭିମୁଖ୍ୟ –** ବର୍ତ୍ତମାନ ପ୍ରବନ୍ଧରେ ଉଭୟ ପ୍ରାଥମିକ ଓ ଦ୍ୱିତୀୟ (ଅନ୍ୟାନ୍ୟ ଉତ୍ସର) ତଥ୍ୟ ଉପରେ ଆଧାରିତ । ଏହି ବିଷୟରେ ତଥ୍ୟ ସଂଗ୍ରହ ପାଇଁ ବିଭିନ୍ନ ସୂଚନା ଉତ୍ସ ପଦର୍ଶନ କରାଯାଇଛି । ଭୂମିହୀନ ଶ୍ରମିକ, କ୍ଷୁଦ୍ର ଏବଂ

ସୀମାବଦ୍ଧ କୃଷକ ପରି ସ୍ୱଳ୍ପ ଆୟକାରୀ ଗୋଷ୍ଠୀଙ୍କ ମାତାମତ ଆଧାରରୁ ତଥ୍ୟ ସଂଗୃହିତ ହୋଇଛି । ଏହି ଅଧ୍ୟୟନରେ ଆର୍ଥିକ ଅନ୍ତର୍ଭୂକ୍ତ ପ୍ରୋଗ୍ରାମ ସମ୍ବନ୍ଧରେ ଉତ୍ତରଦାତାଙ୍କ ଧାରଣା ଉପରେ ଧ୍ୟାନ ଦିଆଯାଇଛି । ଏହାର ଆଭିମୁଖ୍ୟ ହେଉଛି ସେମାନଙ୍କୁ ଆର୍ଥିକ ଅନ୍ତର୍ଭୂକ୍ତ କାର୍ଯ୍ୟକ୍ରମଗୁଡିକରେ ଅଂଶ ଗ୍ରହଣ କରାଯିବା ଉପାୟ ଗୁଡିକ ଚିହ୍ନଟ କରିବା ଯାହା ଦ୍ୱାରା ଆଦୀବାସୀ ମାନେ ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ । ଅଧ୍ୟୟନର ଉଦ୍ଦେଶ୍ୟ ସାଧନ ପାଇଁ କେବଳ ୩ଟି ତଥ୍ୟ ଯାହା ଲିଙ୍ଗ, ଶିକ୍ଷା ଏବଂ ଆୟକୁ ମୁଖ୍ୟ ଉପାଦାନ ରୂପେ ବିବେଚିତ କରାଯାଇଛି । ଏହି ତିନୋଟି ତଥ୍ୟକ ବିଶ୍ଳେଷଣ କରି ନିର୍ଣ୍ଣାୟକ ସିଦ୍ଧାନ୍ତରେ ଉପନୀତ ହୋଇଅଛୁ ।

**ଅନୁସନ୍ଧାନ-** ଅଧ୍ୟୟନରୁ ଜଣାପଡିଛି ଯେ ଆୟ ସୃଷ୍ଟିକରୁଥିବା ଜୀବିକାରେ ସୁଧାର ନ ଆସିବା, ଶିକ୍ଷାର ଅଭାବ, ଟଙ୍କା ଦେଣନେଣ କ୍ଷେତ୍ରରେ ଋଣଦାତାଙ୍କ ଦ୍ୱାରା ଶୋଷଣ, ଦାରିଦ୍ର୍ୟତା, ସ୍ଥାନାନ୍ତକରଣ, ଆୟ ଭିତ୍ତିଭୂମିର ଅନୁପସ୍ଥିତି, ବେକାରୀ, ଆର୍ଥିକ ସାକ୍ଷରତାର ଅଭାବ ଇତ୍ୟାଦି ଜନଜାତିମାନଙ୍କ ଜୀବନଶୈଳୀରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଛି ।

**ମୌଳିକତା -** ପ୍ରବନ୍ଧର ସିଦ୍ଧାନ୍ତ ଉଭୟ ପ୍ରଶାସକ ଓ ନୀତିନିର୍ଦ୍ଧାରଣକାରୀଙ୍କୁ ସାହାଯ୍ୟ କରିବ ।

**ଅଧ୍ୟୟନ ପ୍ରକାର-** ଅନୁସନ୍ଧାନ ମୂଳକ ଅଧ୍ୟୟନ ।

**ମୁଖ୍ୟଶବ୍ଦ:** ଜନଜାତି, ଆଦିବାସୀ ସମ୍ପ୍ରଦାୟ, ଆର୍ଥିକ ସାକ୍ଷରତା, ଆର୍ଥିକ ଅଭିବୃଦ୍ଧି, ସ୍ଥିରତା, ଦାରିଦ୍ର୍ୟ ଦୂରୀକରଣ ଇତ୍ୟାଦି ।

## ୧. ଉପକ୍ରମ :

ମାନବ ସମାଜ ଉତ୍ପତ୍ତି ପ୍ରକୃତିର ସେଇ ନିବିଡ ଘଞ୍ଚବନାନୀ, ପାହାଡ, ପର୍ବତ ଓ ଦେଶରେ ଥିବା ଅନେକ ପ୍ରାଚୀନ ଭୂଖଣ୍ଡ । ବିବର୍ତ୍ତନ କ୍ରମେ ଏ ମାଟିରେ ଆର୍ଯ୍ୟ ସଭ୍ୟତା ଓ ସଂସ୍କୃତି ଗଢିଉଠିବାର ଅନେକ ପୂର୍ବରୁ ଯେଉଁମାନେ ବାସ କରୁଥିଲେ ତାଙ୍କୁ ଜନଜାତି ବୋଲି ନାମିତ କରାଯାଇଥିଲା । ପ୍ରକୃତି ଉପରେ ପୂର୍ଣ୍ଣ ନିର୍ଭରଶୀଳ ସହ ଜୀବନକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ସଂସ୍କୃତି ପଟ୍ଟଭୂମିକୁ ଭରପୁର ଉପଭୋଗ କରୁଥିଲେ । ସରଳ ନିଷ୍କପଟ ଜୀବନ ଶୈଳୀ ବିତାଉଥିବା ଜନଜାତିଙ୍କ ନିବାସ କୌଣସି ଆକାଶଚୁମ୍ବି ଅଟ୍ଟାଳିକା ନୁହେଁ ବରଂ ଅନ୍ଧାର ଗିରିଗୁହା ଓ ଦୁର୍ଗମସ୍ଥାନରେ ଥିବା କ୍ଷୁଦ୍ରକୁଟୀର । ବର୍ତ୍ତମାନ ସମ୍ବୋଧିତ କରୁଥିବା ଆଦିବାସୀ ଶବ୍ଦଟି ଦେଶ ସ୍ୱାଧୀନତା ପରବର୍ତ୍ତୀ କାଳରେ ଆମ୍ଭମାନଙ୍କ ଶବ୍ଦଭଣ୍ଡାରରୁ ଆମଦାନୀ ହୋଇଛି । ସେବେଠାରୁ ଆମେ ଏମାନଙ୍କୁ ଆଦିବାସୀ ବା ଜନଜାତି ବୋଲି ଅଭିହିତ କରୁଛୁ । ଭାରତୀୟ ଜନଗଣନା ପରିସଂଖ୍ୟନ ତଥ୍ୟ ୨୦୧୧ ଅନୁଯାୟୀ ଏମାନଙ୍କ ସଂଖ୍ୟା ଭାରତୀୟ ଜନସଂଖ୍ୟାର ୮.୬ ପ୍ରତିଶତ । ଭାରତର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ୪୬୨ ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ ୬୨ ପ୍ରକାର ଜନଜାତି କେବଳ ଓଡ଼ିଶାରେ ବସବାସ କରନ୍ତି । ଭାରତରେ ଥିବା ଜନଜାତି ବହୁଳ ରାଜ୍ୟ ମଧ୍ୟରେ ଓଡ଼ିଶା, ଛତିଶଗଡ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଏମାନଙ୍କ ସଂଖ୍ୟା କିଛି କମ ନୁହେଁ । ଓଡ଼ିଶାରେ ବର୍ତ୍ତମାନ ଆଦିବାସୀ ଜନସଂଖ୍ୟା ଦୃଷ୍ଟିରୁ ଭାରତର ଏହା ତୃତୀୟ ଜନବହୁଳ ରାଜ୍ୟ ଅଟେ । ଅର୍ଥନୈତିକ ଦୃଷ୍ଟି କୋଣରୁ ବିଚାର କଲେ, ଆଦିବାସୀମାନେ ଏପରି ଏକ ଗୋଷ୍ଠୀ ଯିଏକି ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିକାଶର ସମ୍ପୂର୍ଣ୍ଣ

ଲାଭ ପାଇବାରେ ସକ୍ଷମ ନୁହଁନ୍ତି । ବାସ୍ତବରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟ ଆଜି ବି ଅନ୍ୟ ଉପରେ ନିର୍ଭର କରନ୍ତି, ଫଳରେ ସେମାନେ ଅନ୍ୟମାନଙ୍କ ଦ୍ୱାରା ଶୋଷିତ ହୁଅନ୍ତି । ଶିକ୍ଷାର ପ୍ରଚାର ପ୍ରସାର ସତ୍ତ୍ୱେ ସେମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ସେତେଟା ଆଖିଛୁଆଁ ହୋଇପାରିନି । ଅର୍ଥନୈତିକ ଅଭିବୃଦ୍ଧିରୁ ବହୁ ପଛରେ ଥିବା ବେଳେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ନହେବା ପଛରେ ଅଜ୍ଞତା ହିଁ ଏକମାତ୍ର ପ୍ରତିବନ୍ଧକ । ବର୍ତ୍ତମାନ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆୟ ଉପାର୍ଜନ କ୍ଷେତ୍ରରେ ଆଧୁନିକ ସୁବିଧା ଏବଂ ବୈଷୟିକ ଭିତ୍ତିଭୂମି ବିକାଶ କରିବାରେ ସେତେଟା ଫଳପ୍ରଦ ହୋଇନାହିଁ । ଏବେ ସମୟ ଆସିଛି, ଏଥିରେ ପରିବର୍ତ୍ତନ  ଆଣିବାସହ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଦକ୍ଷତାବିକାଶ ଓ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ସେମାନଙ୍କର ଜୀବିକାର ସ୍ଥିରତାକୁ ଉନ୍ନତ କରିପାରିବ ବୋଲି ଅନେକ ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି । ପାରମ୍ପରିକ ଜୀବିକା ମୁଖ୍ୟତଃ କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟରୁ ମିଳୁଥିବା ଆୟ ସେମାନଙ୍କ ଅଭାବ ମେଣ୍ଟାଇବାରେ ସେତେଟା ସହାୟକ ହେଉନାହିଁ । ପରିବର୍ତ୍ତିତ ଜଳବାୟୁର ପ୍ରତିକୂଳ ପରିସ୍ଥିତିରେ କୃଷି କ୍ଷେତ୍ର ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଲୋକଙ୍କୁ କମ୍ ଆୟ ଦେଇଥାଏ, ଯାହ ଦେଶ ବା ରାଜ୍ୟର ରାଜସ୍ୱ ବୃଦ୍ଧିରେ ସହାୟକ ହୁଏ ନାହିଁ । ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଏହା ଏକମାତ୍ର ଆୟର ଉତ୍ସ ହୋଇଥିବାରୁ  କୃଷି କ୍ଷେତ୍ରରେ ବହୁ ସଂଖ୍ୟକ କର୍ମଜୀବି ଏଥିରେ ସାମିଲ ହେଉଛନ୍ତି ଯାହା ଗ୍ରାମାଞ୍ଚଳରେ ଛଦ୍ମବେଶୀ ବେକାରୀ ସୃଷ୍ଟି କରିବାରେ ଅନ୍ୟ ଏକ ପ୍ରମୁଖ କାରଣ । ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ସୁଯୋଗ ଅଛି ଯାହା  ଅଭିବୃଦ୍ଧି ବଢାଇବାରେ ସାହାଯ୍ୟ କରନ୍ତା । ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର କାରଣ ନିରାକରଣ ଖୋଜିବା ପାଇଁ ଏହି ଗବେଷଣାତ୍ମକ ପୁସ୍ତକରେ କୋରାପୁଟ ଜିଲ୍ଲାକୁ ଅଗ୍ରାଧିକାର ଭାବେ ବିଚାରକୁ ନିଆଯାଇଛି କାରଣ ରାଜ୍ୟରେ ବାସ କରୁଥିବା ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରୁ କେବଳ କୋରାପୁଟରେ ଥିବା ବିଭିନ୍ନ ବର୍ଗର ଅଧିକାଂଶ ଆଦିମ ଜନଜାତି ସମ୍ପ୍ରଦାୟର ଅଧିବାସୀ ବସବାସ କରନ୍ତି, ସେମାନଙ୍କ ମତ ଆଧାରରେ କେତେଗୁଡିଏ ପ୍ରମୁଖ ସମସ୍ୟାର ଚୂଡାନ୍ତ ନିଷ୍ପତ୍ତି ନେବାରେ ସହାୟକ ହୋଇଛି । ସୀମିତ ସମ୍ବଳରେ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଆର୍ଥିକ ସାକ୍ଷରତାକୁ ଉପଯୋଗ କରିବା ଏକ ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପକୁ ଅଣଦେଖା କରାଯାଇନପାରେ, ଯାହା ସେମାନଙ୍କୁ ଅନେକାଂଶରେ ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ । ଆର୍ଥିକ ସାକ୍ଷରତା ଆଧାରରେ ଜଣେ ବିଭିନ୍ନ ସେବାର ଫାଇଦା ଉଠାଇପାରିବ, ଯେପରିକି ସାହୁକାରଙ୍କଠାରୁ ଋଣ ଆଣିବା ବଦଳରେ ସହଜ ଓ ସୁବିଧାରେ ବ୍ୟାଙ୍କ ଆକାଉଣ୍ଟର ବିଭିନ୍ନ ମାଧ୍ୟମ ଯଥା ନେଟ୍ ବ୍ୟାକିଙ୍ଗ୍, ଫୋନପେ ଗୁଗୁଲପେ, ଆରଟିଜିଏସ୍, ଏନିଏଫ୍‌ଟି, ଡେବିଟ୍ କାର୍ଡ ଏବଂ କ୍ରେଡିଟ୍ କାର୍ଡ, ଋଣ ଉପରେ ସବସିଡି, କମିଶନ, ବୋନସ୍, ଡିଭିଡେଣ୍ଡ ଆଦି ଅନେକ ସୁବିଧା ପାଇପାରିବେ । ଆର୍ଥିକ ଜ୍ଞାନ ଅଭାବ ହେତୁ ଆଦିବାସୀମାନେ ନିଜ ଅଞ୍ଚଳରେ ଥିବା ଦଲାଲମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ ଯାହା ସେମାନଙ୍କର ଆର୍ଥିକ ସୁସ୍ଥତାକୁ ପ୍ରଭାବିତ କରିଥାଏ । ଏହି ପରିପ୍ରେକ୍ଷିରେ ଆର୍ଥିକ ସାକ୍ଷରତା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଗଲେ ଜନଜାତି ମାନଙ୍କ ସାମାଜିକ ଓ ଆର୍ଥନୈତିକ ସ୍ଥିତି କେତେକାଂଶରେ ସୁଧିରି ପାରିବ । ଆର୍ଥିକ ସାକ୍ଷରତା ଶିକ୍ଷା କାର୍ଯ୍ୟକ୍ରମ, ଏହି ଲୋକଙ୍କୁ ଆର୍ଥିକ ଜ୍ଞାନ ଆହରଣ କରିବା ସହିତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ଏବଂ ଆନ୍ୟାନ୍ୟ ଆର୍ଥିକ ସୂଚନା ପାଇବାରେ ସାହାଯ୍ୟ କରିବ । ଦେଶରେ ଥିବା ଆର୍ଥିକ ପ୍ରତିଷ୍ଠାନ, ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟସ୍ ଅଫ ଇଣ୍ଡିଆ, ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରୀ  ଅଫ୍ ଇଣ୍ଡିଆ ଏବଂ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ

ଆକାଉଣ୍ଟସ୍ ଭଳି ବୃତିଗତ ଅନୁଷ୍ଠାନ ଗୁଡିକ ଆଗେଇ ଆସିଲେ ତାହା ଆଦିବାସୀମାନଙ୍କ ଆର୍ଥିକ ଜ୍ଞାନ ବୃଦ୍ଧି କରିବା ସହ ଆର୍ଥିକ ଉତ୍ପାଦ ବିଷୟରେ ଜାଣିବାରେ ସାହାଯ୍ୟ କରନ୍ତା, ଯାହାକୁ ଉପଯୋଗ କରି ସେମାନେ ସୀମିତ ଆୟରୁ ଅର୍ଥ ସଞ୍ଚୟ କରି ଅପ୍ରତ୍ୟାଶିତ ଆର୍ଥିକ ଆବଶ୍ୟକତାକୁ ପୂରଣ କରିପାରନ୍ତେ ।

## ୨. ପୂର୍ବପାଠର ସମୀକ୍ଷା:

- ସେନ୍ ଅମର୍ତ୍ତ୍ୟ (୨୦୦୦) ଦେଖିଲେ ଯେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ସଫଳତା ଉପରେ ଆଦିବାସୀମାନଙ୍କ ଜୀବନଶୈଳୀ ପରିବର୍ତ୍ତନରେ ଅନେକ ସହାୟକ ହୋଇପାରେ । ସେମାନେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକଳାପରେ ଜଡିତ ନହେବା ଯାହା ସାମାଜିକ ବହିଷ୍କାରକୁ ସୂଚିତ କରିଥାଏ ।
- ଏଷ୍ଟିଭିଲ୍ (୨୦୦୩) ତାଙ୍କ ଅଧ୍ୟୟନରେ ପ୍ରକାଶ କରିଛନ୍ତି ଯେ, ଦାରିଦ୍ର୍ୟରେ ସାମାଜିକ ବହିଷ୍କାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅଧିକାଂଶ ଆଦିବାସୀ ବିଭିନ୍ନ ଆୟ ଉପାର୍ଜନ କରିବାରେ ଅକ୍ଷମ ହେଉଛନ୍ତି । ଯାହାଦ୍ୱାରା ଆଦିବାସୀ ଓ ଅଣ-ଆଦିବାସୀ ମାନଙ୍କ ମଧ୍ୟରେ ଏକ ଅର୍ଥନୈତିକ ତାରତମ୍ୟର ବ୍ୟାପକ ବ୍ୟବଧାନ ସୃଷ୍ଟି କରିଥାଏ ।
- ଆନ୍ତର୍ଜାତୀୟ ବିକାଶ ବିଭାଗ (DFID) ରିର୍ପୋଟ (୨୦୦୫) ସୂଚୀତ କରେ ଯେ ଅନେକ ବ୍ୟକ୍ତି ସମାଜରେ ସାମାଜିକ ବହିଷ୍କାରର ଶିକାର ହୋଇଥାନ୍ତି । କିଛି ଲୋକ ବିଭିନ୍ନ ଆୟ ଉପାର୍ଜନ କାର୍ଯ୍ୟରେ ଭାଗ ନେବାକୁ ବାଦ ପଡନ୍ତି, ଅନ୍ୟପକ୍ଷରେ ସେମାନେ ଆନୁଷ୍ଠାନିକ ଶିକ୍ଷା, ଆଇନଗତ ସହାୟତା ଏବଂ ରାଜନୈତିକ ପୃଷ୍ଠପୋଷକତାରୁ ମଧ୍ୟ ବାଦ ପଡନ୍ତି । ନୀତି ଏପରି ଭାବରେ କରାଯିବା ଉଚିତ ଯାହା ଦ୍ୱାରା ସାମାଜିକ ଅନ୍ତର୍ଭୂକ୍ତିର ସମ୍ପୂର୍ଣ୍ଣ ସଫଳତାର ସହ କାର୍ଯ୍ୟକାରୀ ହେବା ସହ ଏବଂ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଅନେକ ସାହାଯ୍ୟ କରିପାରିବ ।
- ମୁତାକର (୨୦୦୫) ତାଙ୍କ ମତରେ ଭାରତରେ ବାସ କରୁଥିବା ବିଭିନ୍ନ ଜନଜାତିଙ୍କ ମଧ୍ୟରେ ଅର୍ଥନୈତିକ ତାରତମ୍ୟତା ବାରିହୋଇପଡେ । ଅଧ୍ୟୟନରୁ ଜଣାପଡିଛି ଯେ ଆଦିବାସୀମାନେ ଆର୍ଥିକ ଦୃଷ୍ଟିରୁ ଅସୁରକ୍ଷିତ ଏବଂ ସେମାନେ ପ୍ରାୟତ ସାମାଜିକ ବହିଷ୍କାର ଅନୁଭବ କରନ୍ତି । ତେଣୁ, ସେମାନଙ୍କୁ ଏହି ଅସୁବିଧାରୁ ଦୂରେଇ ରଖିବା ପାଇଁ ସରକାର ଏବଂ ଅନ୍ୟାନ୍ୟ ବେସରକାରୀ ଅନୁଷ୍ଠାନ, ଆର୍ଥିକ ଅଭିବୃଦ୍ଧି ହାସଲ ପ୍ରକ୍ରିୟାର ସରଳୀକରଣ କରିବା ଆବଶ୍ୟକ ।
- ଲୁଇସ୍ ଓ ଅନ୍ୟମାନେ (୨୦୦୫) ପରାମର୍ଶ ଦେଇଛନ୍ତି ଯେ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ବିଶ୍ୱବ୍ୟାପୀ ଏକ ସକାରାତ୍ମକ ନିୟମ କାର୍ଯ୍ୟକାରୀ କରାଯାଉ । ଅଧିକାଂଶ ଆଦିବାସୀ ଝିଅ ଘରୋଇ କାର୍ଯ୍ୟରେ କିମ୍ବା ଆୟ ଉପାର୍ଜନ କାର୍ଯ୍ୟରେ ନିୟୋଜିତ ହେବା ଯୋଗୁଁ ସେମାନଙ୍କ ଶିକ୍ଷାର ଅଭାବ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ।
- ହାନ୍ (୨୦୦୭) ସେ ବିଭିନ୍ନ ତଥ୍ୟ ଆଧାରକୁ ନେଇ ସାମାଜିକ ବହିଷ୍କାର ବିଶ୍ଳେଷଣ କରିଥିଲେ । ପରିଣାମ ସ୍ୱରୂପ ସାମାଜିକ ବହିଷ୍କାର କେବଳ ଆୟ ସୃଷ୍ଟି କରିବାର ପ୍ରତିବନ୍ଧକ ନୁହେଁ ବରଂ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଅନେକ ସମସ୍ୟା ସୃଷ୍ଟି କରିବା ସହିତ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରେନାହିଁ ।

❖ ନାୟାର (୨୦୦୭) ସେ ନିମ୍ନ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ଶୈଳୀ ଉପରେ ସାମାଜିକ ବହିଷ୍କାରର ପ୍ରଭାବ ଉପରେ ଗବେଷଣା କରିଥିଲେ । ସାମାଜିକ ଅନ୍ତର୍ଭୁକ୍ତିର ସନ୍ତୁଳନ ପାଇଁ ଯଦି ସରକାର ସେମାନଙ୍କୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇବା ସହିତ ସମସ୍ୟାର ସମାଧାନ କରନ୍ତେ, ତେବେ ଏହା ତାଙ୍କ ସ୍ଥିତିରେ ଉନ୍ନତି ଆଣିପାରିବ ।

❖ ସୋନୋୱାଲ (୨୦୦୮) ଜାଣିବାକୁ ପାଇଲେ ଯେ ଅଧିକାଂଶ ବିକାଶମୂଳକ ବ୍ୟବସ୍ଥାରେ ଆଦିବାସୀମାନେ ସାମିଲ ହୋଇପାରୁନାହାନ୍ତି । ବିଭିନ୍ନ ଭିତ୍ତିଭୂମି ସୁବିଧା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିଲେ ଜନଜାତିମାନଙ୍କ ଜୀବନରେ ଉନ୍ନତି ଆସିପାରିବ ।

❖ ମହାପାତ୍ର (୨୦୧୧) ପ୍ରକାଶ କରିଛି ଯେ ବିକାଶମୂଳକ ପ୍ରସଙ୍ଗର ପ୍ରାଧାନ୍ୟ ଏବଂ ଅର୍ଥନୈତିକ ତଥା ଅନ୍ୟାନ୍ୟ ସୁବିଧାରୁ ଆଦିବାସୀମାନେ ବଞ୍ଚିତ ହେଉଛନ୍ତି । ଏଣୁ ବିଭିନ୍ନ ସରକାରୀ ଯୋଜନାକୁ ଚିହ୍ନଟ କରାଇବା ସହ ସଚେତନତା କରାଗଲେ ଅନେକ ସୁଫଳ ମିଳିବ । ବର୍ତ୍ତମାନର ଅନୁସନ୍ଧାନ ହେଉଛି ଓଡିଶା, ଭାରତରେ ଆଦିବାସୀ ସମ୍ପ୍ରଦାୟର ଆର୍ଥିକ ଆଚରଣ ଏବଂ ଆଦିବାସୀ ସମାଜ ପାଇଁ ସମାନ ଅଭିବୃଦ୍ଧି ଉପରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ କିପରି ପ୍ରଭାବ ପକାଇବ ତାହା ଉପରେ ଧ୍ୟାନ ଦେବା ।

## ୩. ଅନୁସନ୍ଧାନ ପଦ୍ଧତି :

ଅନୁସନ୍ଧାନ ପଦ୍ଧତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପନ୍ଥା ଯାହା ବର୍ତ୍ତମାନର ଅଧ୍ୟୟନର ଆଧାରରେ ପ୍ରସ୍ତୁତ କରାଯାଇଛି । ଉଭୟ ପ୍ରାଥମିକ ତଥା ଦ୍ୱିତୀୟ ତଥ୍ୟ ଉପରେ ଆଧାର କରି ବିଶ୍ଳେଷଣ କରାଯାଇଛି । ଏହି ଅଧ୍ୟୟନରେ ପ୍ରାଥମିକ ତଥ୍ୟ ତୁଳନାରେ ଦ୍ୱିତୀୟ ତଥ୍ୟ କମ୍ ଅଟେ । ଦ୍ୱିତୀୟ ତଥ୍ୟ ଉତ୍ତରଦାତାମାନଙ୍କ ସାମାଜିକ - ଅର୍ଥନୈତିକ ବିଷୟରେ ସାମଗ୍ରିକ ତଥ୍ୟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ଏହି ଅଧ୍ୟୟନର ଉଦ୍ଦେଶ୍ୟ ପାଇଁ ପ୍ରଶ୍ନପତ୍ର ପଦ୍ଧତି ମାଧ୍ୟମରେ ୪୧୨ ପରିବାରରୁ ସାମଗ୍ରିକ ସୂଚନା ପ୍ରାଥମିକ ତଥ୍ୟ ଆଧାରରେ ସଂଗ୍ରହ କରାଯାଇଥିଲା । ମନୋନୀତ ଅଞ୍ଚଳରୁ ବିଭିନ୍ନ କ୍ଷେତ୍ରରୁ ଅନିୟମିତତା ନମୁନା ସଂଗ୍ରହ କରାଯାଇ ଏହାକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରାଯାଇଛି । ଏହି ଅଧ୍ୟୟନରେ ମୁଖ୍ୟତଃ ଉତ୍ତରଦାତାଙ୍କ ଧ୍ୟାନକୁ ରଖି ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଛି । ପ୍ରଶ୍ନପତ୍ରର ଉତ୍ତରକୁ ବିଶ୍ଳେଷଣ କରାଯାଇ କେତେଗୁଡିଏ ସିଦ୍ଧାନ୍ତକୁ ଚୂଡାନ୍ତ ନିଷ୍ପତ୍ତି ରୂପେ ଗ୍ରହଣ କରାଯାଇଛି ।

## ୪. ଅଧ୍ୟୟନର ମହତ୍ୱ :

ପୁରାତନ ଜନଜାତି ବହୁଳ ଜିଲ୍ଲା ମଧ୍ୟରେ କୋରାପୁଟ ଓଡିଶାର ଏକ ଜନଜାତି ବହୁଳ ଜିଲ୍ଲାର ମାନ୍ୟତା ପାଇଛି । ଏଠାରେ ଅଧିକାଂଶ ପୁରାତନ ଜନଜାତି ବସବାସ କରନ୍ତି । ଆଦିବାସୀ ମାନଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ପାଇଁ ଆର୍ଥିକ ସାକ୍ଷରତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ବିବେଚନା କରାଯାଏ । ଯାହା ଆର୍ଥିକ ଆଚରଣ ପରିବର୍ତ୍ତନ ଆଣିବାରେ ପ୍ରୋତ୍ସାହିତ କରେ । ଗ୍ରାମାଞ୍ଚଳରେ ଅନେକ ବ୍ୟକ୍ତି ସଞ୍ଚୟ ଏବଂ ଆର୍ଥିକ ବିନିଯୋଗ ନିଷ୍ପତ୍ତି ନେବା ପାଇଁ ଆବଶ୍ୟକ କରୁଥିବା ଅର୍ଥନୈତିକ ଜ୍ଞାନ ସହିତ ପ୍ରାୟ ଅପରିଚିତ । ସେମାନେ ବିଭିନ୍ନ ସମୟରେ ନେଉଥିବା ଆର୍ଥିକ ବିନିଯୋଗ ନିଷ୍ପତ୍ତି

ଯଥା ସଞ୍ଚୟ, ଅବସର ଯୋଜନା, ଆର୍ଥିକ ଜ୍ଞାନ ନିଷ୍ପତି କ୍ଷେତ୍ରରେ ଆର୍ଥିକ ଜ୍ଞାନର ଆବଶ୍ୟକତାକୁ ଅସ୍ୱିକାର କରାଯାଇନପାରେ । ତେଣୁ ବର୍ତ୍ତମାନର ଅଧ୍ୟୟନ କୋରାପୁଟ ଜିଲ୍ଲାର ଆଦିବାସୀ ମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ସ୍ତର ଉପରେ ଅଧିକ ଧ୍ୟାନ ଦିଆଯାଇଛି ।

## ୫. ମୁଖ୍ୟ ଉଦ୍ଦେଶ୍ୟ:

ଅଧ୍ୟୟନର ନିମ୍ନଲିଖିତ ଆଭିମୁଖ୍ୟ ଗୁଡିକ ହେଉଛି ।

୧– ବିଭିନ୍ନ ଆର୍ଥିକ କାରବାର ଓ ସର୍ତ୍ତାବଳୀ ସହିତ ଆଦିବାସୀମାନଙ୍କ ମଧ୍ୟରେ ସଚେତନାର ସ୍ତର ବିଶ୍ଳେଷଣ କରିବା ।

୨– ଉପଯୁକ୍ତ ଆର୍ଥିକ ଉତ୍ପାଦ କିମ୍ବା ସେବା ବାଛିବା ପାଇଁ ନିଷ୍ପତ୍ତି ନେବାରେ ଆଦିବାସୀମାନଙ୍କର ଦକ୍ଷତାର ମୂଲ୍ୟାଙ୍କନ କରିବା ଓ

୩– ଆର୍ଥିକ ସାକ୍ଷରତା ସ୍ତରକୁ ନେଇ କୋରାପୁଟ ଜିଲ୍ଲାର ଆଦିବାସୀ ମାନଙ୍କ ମଧ୍ୟରେ କୌଣସି ପ୍ରକାର ପାର୍ଥକ୍ୟ ଅଛି କି ନାହିଁ ତାହା ଯାଞ୍ଚ କରିବା ।

## ୬. ଅଧ୍ୟୟନର ସୀମା :

ଜନଜାତି ମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୂକ୍ତ ବିଷୟରେ ଜାଣିବା ପାଇଁ ଅଧ୍ୟୟନ କରାଯାଇଥିଲା । ଆଦିବାସୀ ଜନବହୁଳ ଜିଲ୍ଲା ହିସାବରେ ଏହି ଅଧ୍ୟୟନ ଓଡିଶାର କେରାପୁଟ ଜିଲ୍ଲାର ଆଦିବାସୀମାନଙ୍କ ଉପରେ ଧ୍ୟାନ ଦିଆଯାଇଥିଲା ଯାହାକି ଭାରତର ଅନୁସୂଚିତ ଜନଜାତିର ଅଧିକାଂଶ ଅସୁରକ୍ଷିତ ଗୋଷ୍ଠୀଙ୍କ ସାମାଜିକ-ଅର୍ଥନୈତିକ ଅବସ୍ଥାକୁ ସୂଚିତ କରିଥାଏ ।

## ୭. ଉପସଂହାର:

ସାଧାରଣ ଜନତାଙ୍କ ତୁଳନାରେ ଓଡ଼ିଶା ରାଜ୍ୟରେ ଆଦିବାସୀ ଜନସଂଖ୍ୟାର ସର୍ବାଧିକ ଅବହେଳିତ ଅଟନ୍ତି । ଆଦିବାସୀମାନଙ୍କର ପାରମ୍ପରିକ ଜୀବିକା ମୁଖ୍ୟତ କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରେ । କିନ୍ତୁ ଜମି ଏବଂ ଜଙ୍ଗଲ ସମ୍ବଳ ସେମାନଙ୍କର ଅଭିବୃଦ୍ଧି ନିଶ୍ଚିତ କରିବାକୁ ଅଧିକ ସହାୟକ ହୁଏ ନାହିଁ । ଅଧିକନ୍ତୁ, ଏହି ଅଞ୍ଚଳର ପଛୁଆବର୍ଗ ଆଦିବାସୀମାନଙ୍କୁ ମୁଖ୍ୟ ସ୍ରୋତ ଅଭିବୃଦ୍ଧି ପଥଠାରୁ କିଛି ଦୂରରେ ରହିବାକୁ ବାଧ କରିଛି । ଏହି ଲୋକମାନେ ସବୁବେଳେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି ଏବଂ ଉପଲବ୍ଧ ଆର୍ଥିକ ସେବାଠାରୁ ବହୁ ପଛରେ ରହିଯାଉଛନ୍ତି । ଯାହା ଦ୍ୱାରା ଲୋକମାନେ ଭୟଙ୍କର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଜନଜାତିମାନେ ବର୍ଷରେ ଅନେକ ପର୍ବପର୍ବାଣୀ ପାଳନ କରନ୍ତି, ଏହାର ଆବଶ୍ୟକତା ପୂରଣ କରିବା ପାଇଁ ଅନେକ ସମୟରେ ସେମାନେ ଆର୍ଥିକ ବିପଦରେ ସମ୍ମୁଖୀନ ହୁଅନ୍ତି । ଅର୍ଥନୈତିକ ଜ୍ଞାନର ଅଭାବ ହେତୁ ସେମାନେ ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାଠାରୁ କରଜ ନ କରି ଗାଁ ଗହଳରେ ଥିବା ଋଣଦାତାଙ୍କୁ ଚଢା ଦରରେ ସୁଧ ଗଣିବା ସହିତ ସେମାନଙ୍କ ଆକ୍ରୋଶର ସମ୍ମୁଖୀନ ହେଉଛନ୍ତି । ଏସବୁ ବିଚାର କଲେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଆର୍ଥିକ ସାକ୍ଷରତା ଆବଶ୍ୟକତା ଅଧିକ ଗୁରୁତ୍ୱପୂର୍ଣ୍ଣ ଯାହା ସେମାନଙ୍କୁ ସୀମିତ

ରୋଜଗାରରେ ବଞ୍ଚିବା ଏବଂ ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ । ରାଜ୍ୟ ବା ଦେଶର ଅନୁସୂଚିତ ଜନଜାତି ଓ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସରକାର ଏବଂ ଅନ୍ୟାନ୍ୟ ବେସରକାରୀ ସଂସ୍ଥା ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଛି । ଅଧିକାଂଶ ସମୟ ଲାଭ ହିତାଧିକାରୀଙ୍କ ନିକଟରେ ପହଞ୍ଚୁନାହିଁ । ଏହା ସମାଜରେ ଆର୍ଥିକ ଅସନ୍ତୁଳନକୁ ଇଙ୍ଗିତ କରିଥାଏ । ବର୍ତ୍ତମାନର ସିଦ୍ଧାନ୍ତ ନିଆଯାଇଛି ଯେ ଓଡିଶାର କୋରାପୁଟ ଜିଲ୍ଲାରେ ନିମ୍ନ ସ୍ତରର ସାକ୍ଷରତା ବ୍ୟକ୍ତିବିଶେଷଙ୍କ ଆର୍ଥିକ ଲାଭ ପାଇଁ ଉପଲବ୍ଧତାର ଅଭାବ ଏକ ମୁଖ୍ୟ କାରଣ ଅଟେ । ଆଦିବାସୀ ଇଲାକାରେ ବ୍ୟାଙ୍କଗୁଡିକରେ ମୁଖ୍ୟତଃ ଆଦିବାସୀ କର୍ମଚାରୀମାନଙ୍କଦ୍ୱାରା ହେବା ଉଚିତ୍ ଯାହା ଦ୍ୱାରେ ସେମାନେ ସେମାନଙ୍କର ଆବଶ୍ୟକତାକୁ ଅତି ସହଜରେ ବୁଝିପାରିବା ସହିତ ସେମାନଙ୍କୁ ଉତ୍ତମ ଶିକ୍ଷା ଦେଇପାରିବେ । ଗ୍ରାମାଞ୍ଚଳରେ କ୍ଷୁଦ୍ର ଋଣ ପ୍ରବାହରେ ଉନ୍ନତି ଆଣିବା ପାଇଁ ମାଇକ୍ରୋ କ୍ରେଡିଟ୍ ସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା କୁ ଅସ୍ୱୀକାର କରାଯାଇନପାରେ । ସରକାରଙ୍କ ଦ୍ୱାରା ନୂତନ ଭାବରେ ପରିଚାଳିତ ମୁଦ୍ରା ଯୋଜନା (ମାଇକ୍ରୋ କ୍ରେଡିଟ୍ ସ୍କିମ୍) ପ୍ରଭାବଶାଳୀ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ଆଦିବାସୀମାନଙ୍କ ଏହି ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଆହରଣ ନ ହୋଇଛି । ଏଥିରେ ସୁଧାର ଆଣିବାକୁ ହେଲେ ଆଦିବାସୀ ଗ୍ରାମାଞ୍ଚଳରେ ପ୍ରତିବର୍ଷ ନିୟମିତ ପନ୍ଦର ଦିନିଆ ଶିବିର, ସ୍ଥାନୀୟ ଅଞ୍ଚଳରେ ଥିବା ପ୍ରତ୍ୟେକ ବ୍ୟାଙ୍କ ଦ୍ୱାରା ହେବା ଆବଶ୍ୟକ ଏବଂ ନୂତନ ଭାବରେ ପ୍ରଚଳିତ ବ୍ୟାକିଙ୍ଗ ଏବଂ ଆର୍ଥିକ ସେବା ଉପରେ ଆଦିବାସୀମାନଙ୍କୁ ତାଲିମ ଦେବା ପାଇଁ ପ୍ରତ୍ୟେକ କର୍ମଚାରୀଙ୍କ ସେବା ନିୟମରେ ଏକ ସେବା ସର୍ତ୍ତ ଅନ୍ତର୍ଭୁକ୍ତ କରାଯିବା ସହ ଏହାକୁ ବାଧ୍ୟତାମୂଳକ କରାଯିବା ଉଚିତ । ଆଦିବାସୀମାନଙ୍କ ହୃଦୟକୁ ଜିଣିଥିବା ଓ ତାଙ୍କ ପାଇଁ ନିଜ ଜୀବନର ଦୀର୍ଘ ୩୦ ବର୍ଷ ସେଇ ନିଷ୍ପେସିତ, ଦଳିତ ମାନଙ୍କୁ ଶିକ୍ଷା ମାଧ୍ୟମରେ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରାଇବା ପାଇଁ ଯାହାର ଅହରହ ଉଦ୍ୟମ, ସେଇ କଷ୍ଟର ଲାଘବ ତଥା ତାଙ୍କ କାର୍ଯ୍ୟଶୈଳୀକୁ ଉତ୍ସାହିତ କରିବା ପାଇଁ ଏହି ଅଧ୍ୟୟନଟି ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଉତ୍ସର୍ଗୀକୃତ କରୁଛୁ । ଭାରତୀୟ ଆଦିବାସୀ ଅର୍ଥନୀତି ଏବଂ ଆର୍ଥିକ ସାକ୍ଷରତା ସନ୍ଦର୍ଭଟି ମୁଁ ଓ ମୋର ମାର୍ଗଦର୍ଶିକା ପ୍ରଫେସର ସସ୍ମିତା ସାମନ୍ତ (କୂଳପତି, କିଟ ବିଶ୍ୱବିଦ୍ୟାଳୟ)ଙ୍କ ସହଭାଗିତାରେ ଏହା ଆତ୍ମପ୍ରକାଶ ପାଉଛି । ଏହି ସନ୍ଦର୍ଭଟି ପ୍ରେରଣାଦାୟକ ଅନୁସନ୍ଧାନ ଚିନ୍ତାଧାରା ଆଣିବା ସହିତ ଆଦିବାସୀ ବିକାଶ କ୍ଷେତ୍ରରେ ଗବେଷଣା ଆଗ୍ରହ ସୃଷ୍ଟି କରିବ ବୋଲି ଦୃଢ ବିଶ୍ୱାସ ।

## ୮. ପରାମର୍ଶ ଏବଂ ସୁପାରିଶ :

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ, ଅର୍ଥନୀତିକୁ ସଫଳ କରିବାକୁ ହେଲେ ଆର୍ଥିକ ସାକ୍ଷରତା ଏକ ପ୍ରଭାବୀ ଅସ୍ତ୍ର । ବର୍ତ୍ତମାନ ଏହାକୁ ତ୍ୱରାନ୍ୱିତ କରିବାକୁ ହେଲେ ଏ ଦିଗରେ ଥିବା କେତେକ ପ୍ରମୁଖ ସମସ୍ୟା ନିରାକରଣ କରି ଏ ଦିଗରେ ନିମ୍ନଲିଖିତ ପରାମର୍ଶ କାର୍ଯ୍ୟକରି କରାଗଲେ ଏଥିରେ ଅଧିକ ସୁଫଳ ମିଳିପାରନ୍ତା ।

କ. ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର । ସଚେତନତା ଅଭାବରୁ ପ୍ରାଥମିକ ସ୍ତରରେ ଡ୍ରପଆଉଟ୍ ହାର ଅଧିକ, ଏହି ସମସ୍ୟାର ମୁକାବିଲା ପାଇଁ ସରକାରୀ ଏବଂ ଅଣ ସରକାରୀ ସଂଗଠନ ଗୁଡିକ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଅଧ୍ୟୟନ କ୍ଷେତ୍ରରେ ମଡେଲ ବେସ୍ ଶିକ୍ଷାକୁ ମଜବୁତ୍ କରିବା ପାଇଁ ଆଗକୁ ଆସିବା ଉଚିତ୍ ।

ଖ. ରୋଜଗାର ଭିତ୍ତିକ ସୁଯୋଗ ପାଇଁ ଅଧ୍ୟୟନ କ୍ଷେତ୍ରରେ ଦକ୍ଷତା ଭିତ୍ତିକ ଶିକ୍ଷା କିମ୍ବା ଧନ୍ଦାମୂଳକ ଶିକ୍ଷା ଯଦିଓ ପର୍ଯ୍ୟାପ୍ତ

ନୁହେଁ, ଶିକ୍ଷା ବ୍ୟବସ୍ଥାକୁ ଏକ ଆବଶ୍ୟକତା ଭିତ୍ତିକ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତର କରାଯିବା ଉଚିତ୍, ଯେଉଁଠାରେ ପାରମ୍ପରିକ ଆଭିମୁଖ୍ୟ ପରିବର୍ତ୍ତନ କରାଯାଇପାରେ । ସ୍ଥାନୀୟ ଅଞ୍ଚଳରେ ଥିବା ଶିକ୍ଷିତ ଯୁବକଯୁବତୀଙ୍କୁ ଶିକ୍ଷକ ନିଯୁକ୍ତି ପକ୍ରିୟାରେ ଅଗ୍ରାଧିକାରୀ ଦିଆଗଲେ ଏହା ଶିକ୍ଷକ ଅନୁପସ୍ଥିତି ରୋକିବା ସହିତ ନିଜମାତୃଭାଷା ମାଧ୍ୟମରେ ପିଲାମାନଙ୍କୁ ଅଧିକ ସଚେତନ କରିପାରିବା ସହିତ ପିଲାଙ୍କ ଆଗ୍ରହକୁ ପାଠପଢାର ଦିଗଚୟନ କରିବାରେ ସମର୍ଥ ହୋଇପାରିବ ।

ଗ. ଆର୍ଥିକ ସହାୟତା ପାଇଁ ସ୍ଥାନୀୟ ଅଞ୍ଚଳରେ ଥିବା ଆର୍ଥିକ ସଂସ୍ଥାଗୁଡିକ ଆଗ୍ରହ ଦେଖାଉ ନାହାନ୍ତି । ଋଣ ନିମିତ୍ତ ଆବଶ୍ୟକ କାଗଜପତ୍ରରେ ସରଳୀକରଣ କରାଗଲେ, ଲୋକମାନେ ଅସଙ୍ଗଠିତ ଉତ୍ସରୁ ଋଣ କରିବାରୁ ବର୍ତ୍ତିପାରିବା ସହିତ ଅଧିକ ସୁଧ ଦେବାରୁ ବଞ୍ଚିତ ହୁଅନ୍ତେ । ଋଣ ମୂଲ୍ୟାଙ୍କନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଏବଂ ସେମାନଙ୍କର ଋତୁକାଳୀନ ଚାହିଦା ପୂରଣ କରିବା ପାଇଁ କ୍ଷୁଦ୍ର ଋଣ (ବନ୍ଧକ ସୁରକ୍ଷା ବିନା) ପ୍ରଦାନ କରିବାର ଆବଶ୍ୟକତା ଅଛି । ଏହା ଏକ ସୁବ୍ୟବସ୍ଥିତ ଯୋଜନା ଆବଶ୍ୟକ କରେ ଯାହା ସେମାନଙ୍କ ସାମାଜିକ-ଅର୍ଥନୈତିକ ଅବସ୍ଥାରେ ସୁଧାର ଆସିବା ସହିତ ବ୍ୟାଙ୍କରେ ଆର୍ଥିକ କାରବାର ପ୍ରତି ଅଧିକ ଉତ୍ସାହିତ ହେବାରେ ସାହାଯ୍ୟ କରନ୍ତା ।

ଘ. ମାଇକ୍ରୋ କ୍ରେଡିଟ୍ ପ୍ରତିଷ୍ଠାନର ଅନୁପସ୍ଥିତି ଯୋଗୁଁ ସେମାନଙ୍କର ଜରୁରୀ ଆବଶ୍ୟକତା ପୂରଣ କରିବା ପାଇଁ ସ୍ଥାନୀୟ ଋଣଦାତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଏଥିରେ ଉନ୍ନତି ଆଣିବା ପାଇଁ ସରକାର ମାଇକ୍ରୋ କ୍ରେଡିଟ୍ ସଂସ୍ଥାକୁ ସଠିକ୍ ମାର୍ଗରେ ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ୍ । ଋଣର ପରିଣାମ କମ୍ ଏବଂ ବକେୟା ବା ଋଣ ପରିଶୋଧ କିସ୍ତିକୁ ଆବଶ୍ୟକ ସ୍ଥଳେ ସରଳୀକରଣ କରି ପାରିଲେ ଏହା ଲୋକଙ୍କ ଅଧିକ ଆସ୍ଥାଭାଜନ ହୋଇପାରିବ । ବର୍ତ୍ତମାନ ମାଇକ୍ରୋ କ୍ରେଡିଟ୍ ସଂସ୍ଥା ଗୁଡିକ ଛୋଟ ମୋଟ ଋଣ ଦେବା ଓ ଆଦାୟ କରିବାରେ ଏକ ମଡେଲ ରୂପେ ବିବେଚିତ ହୋଇଛି । ସରକାରଙ୍କ ତରଫରୁ ଏହାକୁ ଅଧିକ କ୍ରିୟାଶୀଳ କରାଗଲେ ଲୋକମାନେ ତାଙ୍କର ଆବଶ୍ୟକତାକୁ ଅକ୍ଳେଶରେ ପୂରଣ କରିପାରନ୍ତେ, ଯାହା ପରୋକ୍ଷରେ ଗ୍ରାମୀଣ ଅର୍ଥନୀତି ସୁଧାରିବାରେ ସାହାଯ୍ୟ କରିବ ।

୫. ଦୁର୍ଗମ ଅଞ୍ଚଳରେ ବ୍ୟାକିଙ୍ଗ ସେବା ପାଇବା ପାଇଁ ଆଧୁନିକ ଯୋଗାଯୋଗ ଓ ବୈଷୟିକ ଭିତ୍ତିଭୂମି ନାହିଁ କହିଲେ ଚଳେ । ଆର୍ଥିକ ସେବାଗୁଡିକର ବଣ୍ଟନ ଏବଂ ପହଞ୍ଚିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବର୍ତ୍ତମାନ ସରକାର ଦ୍ୱାରା ପ୍ରଚଳିତ ନଗଦ ବିହୀନ କାରାବାରରେ ସାମିଲ ହେବାକୁ ହେଲେ ଇଣ୍ଟରନେଟର ଆବଶ୍ୟକତାକୁ ଏଡାଇ ଦିଆଯାଇନପାରେ ଯାହା ଆଦିବାସୀ ଇଲାକାରେ ପ୍ରମୁଖ ସମସ୍ୟା । ଆର୍ଥିକ କାରାବାର ଓ ବ୍ୟବହାରିକ କ୍ଷେତ୍ରରେ ଜନଜାତି ମାନଙ୍କର ବୈଷୟିକ ଅଭିଜ୍ଞତା ମୋଟେ ନାହିଁ କହିଲେ ଚଳେ । ଏଥିରେ ଉନ୍ନତି ଆଣିବାକୁ ହେଲେ ସର୍ବପ୍ରଥମେ ଆବଶ୍ୟକ ଭିତ୍ତିଭୂମିର ଅଗ୍ରାଧିକାର ଭିତ୍ତିରେ ସୁବନ୍ଦୋବସ୍ତ କରିବା ଦ୍ୱିତୀୟରେ ଟେକ୍ନୋଲୋଜିର ଉପଯୁକ୍ତ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ତାଲିମ ବ୍ୟବସ୍ଥା ଏ ଦିଗରେ ଆଣିବ ଏକ ନୂଆ ସମ୍ଭାବନା ।

## ସନ୍ଦର୍ଭ :


୧. ସେନ୍ ଅମୃର୍ତ୍ତ୍ୟ (୨୦୦୦) : ସାମାଜିକ ବହିଷ୍କାର : ଧାରଣ, ପ୍ରୟୋଗ ଏବଂ ଯାଞ୍ଚ, "ସାମାଜିକ ବିକାଶ ପେପର ନଂ୧, ପରିବେଶ ଏବଂ ସାମାଜିକ ବିକାଶ କାର୍ଯ୍ୟାଳୟ, ଏସୀୟ ବିକାଶ ବ୍ୟାଙ୍କ ରିପୋର୍ଟ ମାନିଲା, ଫିଲିପାଇନ୍ସ, ୧-୫୪ ।

୨. ଜୋର୍ଡି ଏଷ୍ଟିଭିଲ୍ (୨୦୦୩) : ସାମାଜିକ ବହିଷ୍କାରର ମୁକାବିଲା ପାଇଁ ଧାରଣା ଏବଂ ରଣନୀତି: ଏକ ସମୀକ୍ଷା, ପର୍ତ୍ତୁଗାଲ୍ : ଆନ୍ତର୍ଜାତୀୟ ଶ୍ରମ କାର୍ଯ୍ୟାଳୟ, ୧୩୧ ପୃଷ୍ଠା ।

୩. ଆନ୍ତର୍ଜାତିକ ବିକାଶ ବିଭାଗ ପଲିସି ପେପର ୨୦୦୫: ସାମାଜିକ ବହିଷ୍କାରକୁ ମୁକାବିଲା କରି ଦାରିଦ୍ର୍ୟ ହ୍ରାସ, ଆନ୍ତର୍ଜାତିୟ ବିକାଶ ବିଭାଗ, ଥାଇଲ୍ୟାଣ୍ଡ, ୧-୨୨ ଦ୍ୱାରା ପ୍ରକାଶିତ ।

୪. ମୁତାକର ଆର. (୨୦୦୫): ଭାରତରେ ସାମାଜିକ ଗୋଷ୍ଠୀ ଭିନ୍ନତା ଏବଂ ଦାରିଦ୍ର୍ୟ, ଓ୍ୱାର୍କିଂ ପେପର ସିରିଜ ନଂ – ୨୦୦୫- ୦୦୪, ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡେଭଲପମେଣ୍ଟ ରିସର୍ଚ୍ଚ, ମୁମ୍ବାଇ, ଭାରତ ୧-୪୪ ।

୫. ମାଓରିନ୍ ଏ ଲୁଇସ୍ ଏବଂ ମାର୍ଲେନ ଇ ଲକ୍‌ହିଡ୍ (୨୦୦୫) : ସାମାଜିକ ବହିଷ୍କାର, ବାଳିକା ଶିକ୍ଷା କ୍ଷେତ୍ରରେ ଉଦୀୟମାନ ଆହ୍ୱାନ, ଲିଙ୍ଗ ଗତ ସମାନତା ଉପେର ୟୁନେସ୍କୋ ରିପୋର୍ଟ, ଓ୍ୱାଶିଂଟନ, ୧-୨୭

୬. ହାନ୍ ଡି. ଏ. (୨୦୦୭): ଭାରତର ଗରିବ ଅଞ୍ଚଳର ପ୍ରସଙ୍ଗରେ ସାମାଜିକ ବହିଷ୍କାକୁଧାରଣା କରିବା: କ୍ୱାଲରେ ଏକ ଅବଦାନ:- କ୍ୱାଣ୍ଟ ବିତର୍କ, କ୍ୟୁ-ସ୍କ୍ୱାର୍ଡ- ଓ୍ୱାର୍କିଙ୍ଗ ପେପର ନଂ ୩୯, ଆନ୍ତର୍ଜାତିୟ ବିକାଶ ବିଭାଗ (ୟୁ.କେ.) ୧-୨୨

୭. ନାୟାର କେ (୨୦୦୭) : ସାମାଜିକ ବହିଷ୍କାର, ଜାତି ଏବଂ ସ୍ୱାସ୍ଥ୍ୟ: ସାମାଜିକ ନିର୍ଣ୍ଣୟ ଫ୍ରେମ୍‌ଓ୍ୱାର୍କ ଉପରେ ଆଧାରିତ ଏକ ସମୀକ୍ଷା, ସୋସିଆଲ ମେଡିସିନ୍ ଏବଂ କମ୍ୟୁନିଟ୍ ହେଲ୍‌ଥ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ, ଭାରତ, ସମୀକ୍ଷା ଅଧ୍ୟୟନ, ୩୫୫-୩୬୩ ।

୮. ସେନେଓ୍ୱାଲ ସି.ଜେ. (୨୦୦୮): ଭାରତୀୟ ଜନଜାତି ଏବଂ ସାମାଜିକ ଅନ୍ତର୍ଭୂତିକରଣ ଓ ବହିଷ୍କାରର ସମସ୍ୟା, ଷ୍ଟଡ ଟ୍ରାଇଭ୍ ଆଦିବାସୀ ୬(୨), ସାମାଜିକ ବହିଷ୍କାର ଏବଂ ଅନ୍ତର୍ଜାତିକ ନୀତିର ଶିକ୍ଷା, ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ, ମୁମ୍ବାଇ, ଭାରତ, ୧୨୩-୧୩୪

୯. ମହାପାତ୍ର ତନୁଜା (୨୦୧୧) : ଓଡିଶାର ଜନଜାତି : ସାମାଜିକ ଅନ୍ତର୍ଭୁକ୍ତ, ବହିକୋର ଏବଂ ସାଂସ୍କୃତିକ ଅବଶୋଷଣ ବୋଧ: ଏକ ଅନ୍ତର ବିଭାଗୀୟ ପତ୍ରିକା, କାଠମାଣ୍ଡୁ ବିଶ୍ୱବିଦ୍ୟାଳୟ, ନେପାଳ, ୧୫-୩୩ ।